# Akashvani, Sambalpur

## SAMBALPURI NEWS BULLETIN

### 17 April 2024- 6.47- 6.52 am.

*********************************************

ରାମ୍‌ନଅମୀ ଆର୍‌ଏନ୍‌ୟୁ ସମ୍ବଲପୁର/ଏନ୍‌ଏସ୍‌ଡି

ଆଏଜ୍ ପବିତ୍ର ରାମ୍‌ନଅମୀ । ପୁରାଣ୍ ଅନ୍‌ସାରେ ଭଗବାନ୍ ବିଷ୍ଣୁଙ୍କର୍ ୭ ନମ୍ବର୍ ଅବତାର୍ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଚଇତ୍ ନବରାତ୍ରର୍ ଶେଷ୍ ଦିନେ ନଅମୀ ତିଥିଥି ପୁର୍‌ଥି ନ ଜନମ୍ ନେଇଥିଲେ । ସତ୍ୟ, ନ୍ୟାୟ, ଦୟା, କ୍ଷମା, ସଂଯମ ଆର୍ ତ୍ୟାଗର ଅବତାର ପ୍ରଭୁ ଶ୍ରୀରାମଙ୍କର୍ ଜନମ୍‌ଦିନ୍‌କେ ହଜାର୍ ହଜାର୍ ବଛର୍ ହେଲା ରାମ୍‌ନଅମୀ ଭାବେ ପାଳନ୍ କରାଯାଉଛେ । ରାମ୍‌ନଅମୀ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଉର୍ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌ଖଡ଼୍ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ରାଷ୍ଟ୍ରପତି ତାଁକର୍ ବାର୍ତାଥି କହିଛନ୍ ଯେ, ପ୍ରଭୁ ଶ୍ରୀରାମ ଆମ୍‌କୁ ମାନ୍‌କୁ ସତ୍ ଆର୍ ଠିକ୍ ବାଟ୍ ଦେଖାସନ୍ । ପ୍ରଭୁ ଶ୍ରୀରାମ୍ ନିସ୍ୱାର୍ଥସେବା, ବନ୍ଧୁଭାବ ଆର୍ ପ୍ରତିବଦ୍ଧତାର ଶ୍ରେଷ୍ଠ ମାନକ ରଖିଛନ୍ । ପ୍ରଭୁ ଶ୍ରୀରାମଙ୍କର୍ ମୂଲ୍ୟବୋଧ ନିଜର୍

ଜୀବନ୍‌ଥି ଉତ୍‌ରେଇକରି ଯେନ୍ତା ଫି’ ମୁନୁଷ୍ ସମ୍ମାନ୍‌ର ସାଙ୍ଗେ ଜିଇଁପାର୍‌ବା ଆର୍  ତାର୍ ଜୀବନ୍ ଉନ୍ନତ ହେବା ସେଥିର୍‌ଲାଗି ସବୁ ଦେଶ୍‌ବାସୀ ସଂକଳ୍ପ କର୍‌ବାର୍‌କେ ରାଷ୍ଟ୍ରପତି ଆହ୍ୱାନ୍ ଜନେଇଛନ୍ । ସେନ୍ତା ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼୍ ଗୁଟେ ସଶକ୍ତ ଆର୍ ସମୃଦ୍ଧ ଭାରତ୍ ଗଢ଼୍‌ବାର୍ ଦିଗେ ପ୍ରଭୁ ଶ୍ରୀ ରାମଙ୍କର୍ ଆଦର୍ଶ ଆମ୍‌କୁ ବାଟ୍ ଦେଖଉ ବଲି ତାଁକର୍ ଶୁଭେଚ୍ଛା ବାର୍ତାଥି କହିଛନ୍ ।

ଜିଡିପି- ଅଭିବୃଦ୍ଧି                         ଆର୍‌ଏନ୍‌ୟୁ /  ସମ୍ବଲପୁର

ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି-ଆଇଏମ୍‌ଏଫ୍- ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ଭାରତ୍‌ର ମୋଟ୍ ଘରୋଇ ଉତ୍ପାଦ - ଜିଡିପି ୬ ଦଶ୍‌ମିକ୍ ୮ ପ୍ରତିଶତ୍ ଅଭିବୃଦ୍ଧି ହେବା ବଲି ଆକଲନ୍ କରିଛେ । ଆଇଏମ୍‌ଏଫ୍ ଗଲା ଜାନୁଆରୀ ମାସେ ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ଭାରତ୍‌ର ଜିଡ଼ିପି ୬ ଦଶ୍‌ମିକ୍ ୫ ପ୍ରତିଶତ୍ ହେବା ବଲି ଅନୁମାନ୍ କରିଥିବାର୍ ବେଲେ ଇଥର ୩୦ ବେସିସ୍ ପଏଂଟ୍ ବଢ଼େଇକରି ଜିଡ଼ିପି ଅଭିବୃଦ୍ଧି ଆକଲନ୍ କରିଛେ ।

ଓଡ଼ିଶା- ଜଙ୍ଗଲ୍ ନିଆଁ                         ଆର୍‌ଏନ୍‌ୟୁ /  ସମ୍ବଲପୁର

ଓଡ଼ିଶାର୍ ୫୩ ଟା ଜଙ୍ଗଲ୍ ବଡ଼ଭାରୀ ହିସାବେ ଜଲୁଛେ । ଦେଶେ ଜଙ୍ଗଲ୍‌ଥି ଜୁଏ ଲାଗ୍‌ବାର୍‌ଥି ଓଡ଼ିଶା ସବୁନୁ ଆଗେ ଅଛେ ବଲି ଫରେଷ୍ଟ୍ ସର୍ଭେ ଅଫ୍ ଇଣ୍ଡିଆ ତର୍‌ଫୁ କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ଇହାଛିନି ଦେଶର୍ ୨ ଶହ ୬୩ ଟା ଜଙ୍ଗ୍‌ଲେ ଜୁଏ ଲାଗିଥିବାର୍ ବେଲେ ଓଡ଼ିଶାର୍ ୫୦ ଟା ଜଙ୍ଗଲ୍ ଜଲୁଛେ । ଦେବ୍‌ଗଡ଼୍, କଲାହାଣ୍ଡି, କୋରାପୁଟ୍,ରାୟଗଡ଼ା, କନ୍ଧମାଲ୍, ନୟାଗଡ଼୍, କେନ୍ଦୁଝର୍, ମୟୁର୍‌ଭଞ୍ଜ୍, ମାଲ୍‌କାନ୍‌ଗିରି ଆର୍ ଗଜପତି ଜିଲ୍ଲାର୍ ଭିନ୍ ଭିନ୍ ଜଙ୍ଗଲ୍‌ଥି ଜୁଏ ଲାଗିଛେ । ଫରେଷ୍ଟ୍ ସର୍ଭେ ଅଫ୍ ଇଣ୍ଡିଆର୍ ଇ ତଥ୍ୟକେ ଆଧାର୍ କରିକରି ରାଜ୍ୟର୍ ଜଙ୍ଗଲ୍ ବିଭାଗ୍ ଜୁଏ ଲିଭାବାର୍‌କେ ଚେରେଷ୍ଟା ଚଲେଇଛେ । ଜଙ୍ଗଲ୍‌ଥି ଜୁଏ ଲାଗ୍‌ବାର୍‌ଥି ଓଡ଼ିଶାର୍ ତଲ୍‌କେ ଛତିଶ୍‌ଗଡ଼୍, ଆନ୍ଧ୍ରପ୍ରଦେଶ୍, ତେଲେଙ୍ଗାନା, ଝାଡ଼ଖଣ୍ଡ୍, ତ୍ରିପୁରା, ମହାରାଷ୍ଟ୍ର ଆର୍ ମିଜୋରାମ୍ ରାଜ୍ୟ ଅଛେ ବଲି ଫରେଷ୍ଟ୍ ସର୍ଭେ ଅଫ୍ ଇଣ୍ଡିଆର୍ ତଥ୍ୟନୁ ଜନାପଡ଼ିଛେ ।

ଖରା- ରାଜ୍ୟ ସର୍‌କାର୍ ମାର୍ଗଦର୍ଶିକା ଆର୍‌ଏନ୍‌ୟୁ / ସମ୍ବଲପୁର

ଜବର୍ ଖରାର୍ ଲାଗି ଝାଉ ମାର୍‌ବାର୍ ଆଶଙ୍କାକେ ଦେଖିକରି ରାଜ୍ୟ ସର୍‌କାର୍ ମାର୍ଗଦର୍ଶିକା ଜାରି କରିଛନ୍ । ସେ ଅନ୍‌ସାରେ ସଖାଲର୍ ୧୧ ନୁ ଉପର୍‌ବେଲା ୩ ବଜେତକ୍ ଖରାଥି ବାହାର୍‌କେ ନାଇଁ ବାହାର୍‌ବାର୍‌କେ ଆଉ ଇ ସମିଆଥି ଭୋଟ୍ ଲାଗି ସଭାସମିତି ନାଇଁ କର୍‌ବାର୍‌କେ ପରାମର୍ଶ ଦିଆଯାଇଛେ । ସେନ୍ତା ଖରାଥି ପାର୍କିଂ ହେଇଥିବା କାର୍ ଭିତ୍‌ରେ ଛୋଟ୍ ଛୁଆ ଆର୍ ଗୃହପାଲିତ ପଶୁପକ୍ଷୀମାନ୍‌କୁ ନାଇଁ ଛାଡ଼୍‌ବାର୍‌କେ କୁହାଯାଇଛେ । ଖରାଥି  ବାହାର୍‌କେ ବାହାର୍‌ଲା ବେଲେ ସୂତୀ କପ୍‌ଡ଼ା ପିନ୍ଧବାର୍ ସହେତେ ଉଦାକପ୍‌ଡ଼ା, ଟୁପି ଆର୍ ଛତା ବେଭାର୍ କର୍‌ବାର୍‌କେ ଆର୍ ଖୋବ୍‌ଟେ ତୁରେନ୍, କୁସେର୍‌ପନା, ଲେମ୍ବୁପାଏନ୍, ଦହିପାଏନ୍, ପିଇବାର୍‌କେ ପରାମର୍ଶ ଦିଆଯାଇଛେ । ଇ ସମିଆଥି ଶ୍ରମିକ୍‌ମାନ୍‌କୁ ବାହାରେ କାମ୍ କରାବାର୍‌କେ ବାରଣ୍ କରାଯାଇଛେ । ଦୁର୍ବଲ୍ ଲାଗ୍‌ଲେ, ମୁଡ଼୍ କିନ୍ଦ୍‌ରାଲେ କି ଦୁଖାଲେ ବାନ୍ତି ଲାଗ୍‌ଲେ କି ସାଁସ୍ ନେବାର୍‌ଥି ଅସୁବିଧା ଲାଗ୍‌ଲେ ତୁର୍‌ତି ଡାକ୍ତର୍‌ଙ୍କର୍ ପରାମର୍ଶ ନେବାର୍‌କେ କୁହାଯାଇଛେ ।

ଜିଲ୍ଲାପାଳ୍- ମତଦାନ୍ କେନ୍ଦ୍ର ପରିଦର୍ଶନ୍

ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ଅଗ୍ରଓ୍ୱାଲ୍ ଅକ୍ଷୟ ସୁନୀଲ୍ ରେଢ଼ାଖୋଲ୍ ଆର୍ ଯୁଯୁମୁରାର୍ ଷ୍ଟ୍ରଙ୍ଗ୍‌ରୁମ୍ ଆର୍ ମତଦାନ୍ କେନ୍ଦ୍ର ମାନ୍ ବୁଲିକରି ଦେଖିଛନ୍ । ଗଲାକାଏଲ୍ ଜିଲ୍ଲାପାଲ୍ ରେଢ଼ାଖୋଲ୍‌ର ଭୀମଭୋଇ କଲେଜ୍, ରେଢ଼ାଖୋଲ୍ ବ୍ଲକ୍‌ର ତ୍ରିବଣପୁର, ରାହଣ ଆର୍ କୁସାପାଲି ଆଉ ଯୁଯୁମୁରା ବ୍ଲକ୍‌ର ଭବାନୀପାଲି, କନ୍‌ସର୍ ଆର୍ ଅମ୍‌ଲିପାଣି  ସର୍‌କାରୀ ପ୍ରାଥମିକ ବିଦ୍ୟାଲୟ ବୁଲି ଦେଖିକରି ସେନେ ମତଦାନ୍ କେନ୍ଦ୍ର ପୁଲିଂ ବୁଥ୍ କର୍‌ବାର୍‌କେ ନିଆଯାଇଥିବା ପଦକ୍ଷେପ୍ ବାବ୍‌ଦେ ବୁଝାସୁଝା କରିଥିଲେ ।

ସ୍ପେକ୍ଟ୍ରମ୍ -୨୦୨୪ ସମ୍ବଲ୍‌ପୁର୍ ସମ୍ବାଦଦାତା

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ - ଭିସୁଟ୍‌ର ବୈଦ୍ୟୁତିକ ଆଉ ଅଭିବୈଦ୍ୟୁତିକ ବୈଷୟିକ ବିଦ୍ୟା ବିଭାଗ୍‌ର ବଛର୍‌କିଆ ବୈଷୟିକ ବିଜ୍ଞାନ୍ ଉତ୍ସବ୍- ସ୍ପେକ୍ଟ୍ରମ୍ -୨୦୨୪ ଗଲାକାଏଲ୍ ହେଇଯାଇଛେ । କୁଳପତି ପ୍ରଫେସର୍ ବଂଶୀଧର୍ ମାଝୀଙ୍କର୍ ଉପସ୍ଥିତିଥି ହେଇଥିବା ଉତ୍ସବ୍‌ଥି ଗବେଷଣାତ୍ମକ ସନ୍ଦର୍ଭର ସଂକଳନ୍ ସ୍ମରଣିକା ସ୍ପେକ୍ଟ୍ରମ୍ କନେକ୍ଟର୍ ୨ ନମ୍ବର୍ ଭାଗ୍‌କେ ଉନ୍ମୋଚନ୍ କରାଯାଇଥିଲା ।

ପୁଲିଂ, ପ୍ରିଜାଇଡିଂ ଅଫିସର-ତାଲିମ୍ ଆର୍ଏନ୍ୟୁ / ସମ୍ବଲପୁର

ସାଧାରଣ ନିର୍ବାଚନ୍ ଲାଗି ସୁନ୍ଦର୍ଗଡ୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ପୁଲିଂ ଆଉ ପ୍ରିଜାଇଡିଂ ଅଫିସର୍ମାନ୍କୁ ୨ ନମ୍ବର୍ ଖେପେ ପ୍ରଶିକ୍ଷଣ୍ ଦିଆଯାଇଛେ । ରାଉର୍କେଲାର୍ ମ୍ୟୁନିସିପାଲ୍ କଲେଜ୍ ନ ଗଲାକାଏଲ୍ ରାଉର୍କେଲା, ବୀରମିତ୍ରପୁର୍ ଆଉ ରଘୁନାଥପଲ୍ଲୀ ବିଧାନ୍ସଭା ନିର୍ବାଚନ୍ ମଣ୍ଡଲୀର୍ ପୁଲିଂ ଅଧିକାରୀମାନ୍କୁ ଇଭିଏମ୍ ଆଉ ଭିଭିପାଟ୍ ବେଭାର୍ ଆର୍ ଭୋଟ୍ ବେଲେ ପୁଲିଂ ଅଫିସର୍ମାନ୍କର୍ କାମ୍ ବାବ୍ଦେ ତାଲିମ୍ ଦିଆଯାଇଥିଲା ।

ନୂଆପଡ଼ା- ସ୍କୁଲ୍ ସମୟ ପରିବର୍ତ୍ତନ୍ ନୂଆପଡ଼ା ସମ୍ବାଦଦାତା

ଜବର୍ ଖରା ହେଇଥିବାର୍ନୁ ନୂଆପଡ଼ା ଜିଲ୍ଲା ନ ସ୍କୁଲ୍ଥି ୧ ନୁ ୧୨ କ୍ଲାସ୍ତକ୍ ପାଠ୍ପଢ଼ା ସମିଆ ବଦ୍ଲାଯାଇଛେ । ଜିଲ୍ଲାପାଲ୍ଙ୍କର୍ ତର୍ଫୁ ଜାରି ବିଜ୍ଞପ୍ତି ଅନ୍ସାରେ ଜିଲ୍ଲାର୍ ସବୁ ସର୍କାରୀ, ଘରୋଇ ସ୍କୁଲ୍ମାନ୍ ସଖାଲର୍ ସାଢ଼େ ୬ ନୁ ସାଢ଼େ

୯ ବଜାତକ୍ ଚଲ୍‌ବା । ସାଢ଼େ ୮ ବଜେ ଛୁଆକୁ ମଧ୍ୟାହ୍ନ ଭୋଜନ ଦିଆଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଛେ । ଜବର୍ ଖରା ସାଙ୍ଗେ ଗୁଲ୍‌ଗୁଲି ଲାଗି ଲୁକେ ଡହକବିକଲ୍ ହେଉଛନ୍ । ଆଏବା ୪ ଦିନ୍‌ତକ୍ ରାଏଜେ ଏନ୍ତା ଖରାର୍ ତାତି ଜାରି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର୍ ଦାସ କହିଛନ୍ ଯେ, ଏଛେନ୍ ରାଜ୍ୟକେ ଉତର୍ ପଶ୍ଚିମ ଦିଗ୍ ଆର୍ ପଶ୍ଚିମ ଦିଗୁ ଶୁଖା ପବନ୍ ବୁହୁଛେ । ଇତାର୍ ପ୍ରଭାବ୍‌ଥି ଆଏବା ୩ ଦିନ୍ ଭିତ୍‌ରେ ଦିନର୍ ତାପମାତ୍ରା ୨ ନୁ ୪ ଡିଗ୍ରୀ ତକ୍ ବଢ଼୍‌ବାର୍ ସମ୍ଭାବନା ରହିଛେ । ଖାସ୍ କରି ଆଏବାକାଏଲ୍ ଆର୍ ଶୁକ୍ରବାର୍ ଦିନ ଖରା ଜବର୍ ହେବା ଆଉ କେତେଟା ଜିଲ୍ଲା ନ ତାତି ୪୩ ନୁ ୪୫ ଡିଗ୍ରୀତକ୍ ରହିପାରେ ବଲି ସେ କହିଛନ୍ ।